# Akashvani, Sambalpur

# SAMBALPURI NEWS BULLETIN

## 25 January 2025- 6.47- 6.52 am.

*********************************************

ରାଷ୍ଟ୍ରପତିଙ୍କର ଉଦ୍‌ବୋଧନ          ଆର୍‌ଏନ୍‌ୟୁ/ ସମ୍ବଲପୁର୍

୭୬ ନମ୍ବର ସାଧାରଣତନ୍ତ୍ର ଦିବସ୍ ଆଗ୍‌ରୁ ଆଏଜ୍ ସଂଜ୍‌ବେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କର୍‌ବେ । ଆକାଶବାଣୀ ଆଉ ଦୂରଦର୍ଶନର ସବୁ ଚେନାଲ୍ ତରଫୁ ସଂଜବେଲର ୭ ବଜେ ରାଷ୍ଟ୍ରପତିଙ୍କର ସମ୍ବୋଧନର ସିଧା ପ୍ରସାରଣ କରାଯିବା । ଇତାର୍ ଉତ୍‌ରୁ ରାତି ୯ ବାଜି କରି ୩୦ ମିନିଟ୍‌ଥି ରାଷ୍ଟ୍ରପତିଙ୍କର ସମ୍ବୋଧନ୍‌ର ଓଡ଼ିଆ ଭାଷାନ୍ତର ପ୍ରସାରଣ ହେବା ।

ମୋଦି ଉତ୍କର୍ଷ ଓଡ଼ିଶା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଜନତା ମଇଦାନ୍‌ଠାନେ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍

ଓଡ଼ିଶା ସମ୍ମିଳନୀରେ ଯୋଗ୍ ଦେବାର୍କେ ଓଡ଼ିଶା ଆସ୍ବେ । ପ୍ରଧାନମନ୍ତ୍ରୀ ଆଏବା ୨୮ ତାରିଖ ମଙ୍ଗଲବାର ସଖାଲର୍ ସାଢ଼େ ୧୦ ବଜେ ଭୁବନେଶ୍ୱର ବିମାନ୍ ବନ୍ଦର ନ ପୁହୁଁଚିବାର୍ ଉତ୍ର ଜନତା ମଇଦାନ୍‌କେ ଯିବେ ବଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚ୍‌ନା ଦେଇଛନ୍ ।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ        ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ପ୍ରସ୍ତୁତି ଅନୁଧ୍ୟାନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇ-ଇନ୍‌ଭେଷ୍ଟର୍ ମିଟ୍‌ରେ ୫ ଲାଖ୍ କୋଟିନୁ ଅଏତ୍‌କା ଟଙ୍କାର୍ ପୁଞ୍ଜି ବିନିଯୋଗ୍ ପ୍ରସ୍ତାବ୍ ଆସ୍‌ବାର୍ ସହେତେ ସାଢ଼େ ୩ ଲାଖ୍‌ନୁ ଅଏତ୍‌କା ନିଯୁକ୍ତି ସୃଷ୍ଟିର ସମ୍ଭାବନା ଅଛେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ମେକ୍ ଇନ୍ ଓଡ଼ିଶା ୱେବ୍‌ସାଇଟ୍‌ରେ ସାଢ଼େ ୭ ହଜାର୍‌ନୁ ଅଏତ୍‌କା ନିବେଶକାରୀ ପଞ୍ଜିକରଣ୍ କରିସାର୍‌ଲେନ । କାର୍ଯ୍ୟକ୍ରମ୍‌ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଜୁଏଲ୍ ଓରାମ୍ ଆଉ ଅଶ୍ୱିନୀ ବୈଷ୍ଣବ୍ ପ୍ରମୁଖ ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ସୋମ୍‌ବାର୍ ଦିନ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରାକ୍ ବଜେଟ୍ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଘର୍ ଅର୍ଥମନ୍ତ୍ରୀ, ଅର୍ଥନୀତି ବିଶେଷଜ୍ଞ ଆର୍ ବୁଦ୍ଧିଜୀବୀ ମାନେ ଯୋଗ୍ ଦେଇକରି ୨୦୨୫-୨୬ ଆର୍ଥିକ୍ ବଛ୍‌ରର୍ ପୂର୍ଣ୍ଣାଙ୍ଗ ବଜେଟ୍ ବାବ୍‌ଦେ ନିଜର୍ ନିଜର୍ ମତ ରଖିଛନ୍ । ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବଜେଟ୍ ବନାବାର୍ ଲାଗି ରାଜ୍ୟବାସୀଙ୍କର୍ ମତାମତ ଠୋଲ୍ କରାଯାଉଛେ । ଆଏବା ୩୧ ତାରିଖ୍‌ତକ୍ ଲୁକେ ମତାମତ୍ ଦେଇପାର୍‌ବେ ।

ଉପମୁଖ୍ୟମନ୍ତ୍ରୀ-ଫାର୍ମ ପରିଦର୍ଶନ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ନେତୃତ୍ୱଥି ରାଜ୍ୟ ସର୍‌କାର୍‌ଙ୍କର୍ ୫୭ ଝନିଆ ପ୍ରତିନିଧି ଦଲ୍ ମହାରାଷ୍ଟ୍ରର ନାସିକ୍‌ର ସହ୍ୟାଦ୍ରୀ ଫାର୍ମକେ ୫ ଦିନିଆ ତାଲିମ୍ ନେବାର୍ ଲାଗି ଯାଇଛନ୍ । କୃଷି ଆଉ କୃଷକ୍ ସଶକ୍ତିକରଣ୍, ଖାଦ୍ୟ ଉତ୍ପାଦନ୍, ଉଦ୍ୟାନ ଚାଷ, ମିଶନ୍ ଶକ୍ତି ସହେତେ ଅଲ୍‌ଗା ୫ ଟା ଟିମ୍‌ର କୃଷକ୍ ଉତ୍ପାଦକ ଗୋଷ୍ଠୀ ପ୍ରତିନିଧି ଇଥି ସାମିଲ୍ ଅଛନ୍ । ଇ ପରିଦର୍ଶନ୍ ସମିଆଥି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ କୃଷି ଆଉ କୃଷକ୍ ସଶକ୍ତିକରଣ୍ ପ୍ରମୁଖ ଶାସନ୍ ସଚିବ ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ୍ ଆଉ ଉଦ୍ୟାନ୍ କୃଷି ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଜାତୀୟ ଭୋଟର ଦିବସ    ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଭାରତୀୟ ନିର୍ବାଚନ କମିଶନର ପ୍ରତିଷ୍ଠା ଦିବସକେ ମନାବାର୍ ଲାଗି ଫି’ ବଛର୍ ସାଧାରଣତନ୍ତ୍ର ଦିବସ୍‌ର ଆଘର୍ ଦିନ୍‌କେ ଜାତୀୟ ଭୋଟର ଦିବସ ଭାବେ ପାଲ୍‌ନ୍

କରାଯାଉଛେ । ଇଥର ଇ ଦିବସର ବିଷେ ହେଉଛେ - “ମତଦାନ୍ ବାଗିର୍ ଆଉ କିଛି ନାଇଁନ, ମୁଇଁ ନିଶ୍ଚିତ୍ ଭାବେ ଭୋଟ୍ ଦେସିଁ” ।

ଭୋଟରମାନ୍‌କର୍ ଅଧିକାର ଆର କର୍ତବ୍ୟ ଉପରେ ଦେଶର୍ ନାଗରିକ ମାନ୍‌କର୍ ଭିତ୍‌ରେ ସଚେତନତା ବନାବାର୍‌ଥି ଭୋଟର ଦିବସର ଗୁରୁତ୍ୱ ରହିଛେ । ୧୯୫୦ ଜାନୁୟାରୀ ୨୫ ତାରିଖ ଦିନ ଭାରତୀୟ ନିର୍ବାଚନ କମିଶନ ଗଠନ କରାଯାଇଥିଲା ।

ଇ ଅବ୍‌ସରେ ଆଏଜ୍ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ଠାନେ ରାଜ୍ୟସ୍ତରୀୟ ସମାରୋହ ହେବା ।

ଜାତୀୟ ଭୋଟର୍ ଦିବସ-ଭିସୁଟ୍ ସମ୍ବଲପୁର ସମ୍ବାଦଦାତା

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍ ଠାନେ ଜାତୀୟ ଭୋଟର୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଦେବଦତ ମିଶ୍ର ଭୋଟର୍ ଶପଥ୍ ପାଠ କରେଇଥିଲେ । ଇ ଅବ୍‌ସରେ ବିଶ୍ୱବିଦ୍ୟାଳୟର୍ ଅଧ୍ୟାପକ, କର୍ମଚାରୀ ଆର୍ ଛାତ୍ରଛାତ୍ରୀ ମାନେ ଶପଥ୍ ନେଇଥିଲେ ।

ସାଧାରଣତନ୍ତ୍ର ଦିବସ ପରେଡ୍ ନିମନ୍ତ୍ରଣ   ଆର୍ଏନ୍ୟୁ /ସମ୍ବଲପୁର

ନୂଆଦିଲ୍ଲୀ ଠାନେ ହେବାର୍କେ ଥିବା ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଯୋଗ୍ ଦେବାର୍କେ ଦେଶର୍ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ କରିଥିବା ଲୁକ୍କୁ ନିମନ୍ତ୍ରଣ୍ କରାଯାଇଛେ । ସମାରୋହଥି ରାଉର୍କେଲାର୍ ଯୁବ ଉଦ୍ୟୋଗୀ ଦେବେନ୍ଦ୍ର ପ୍ରଧାନ୍ଙ୍କୁ ନିମନ୍ତ୍ରିତ୍ ଅତିଥି ଭାବେ ଯୋଗ୍ ଦେବାର୍କେ ସୁଯୋଗ୍ ମିଲିଛେ । ଷ୍ଟାର୍ଟଅପ୍ କ୍ଷେତ୍ରଥି ନୂଆଁ ନୂଆଁ ଉପେ ବେଭାର୍ କରିକରି ସଫଳତା ହାସଲ୍ କରିଥିବାର୍ନୁ ଶ୍ରୀ ପ୍ରଧାନ୍ଙ୍କୁ ଇ ନିଉତା ମିଲିଛେ । ଇ ବାବ୍ଦେ  ଶ୍ରୀ ପ୍ରଧାନ୍ ଆକାଶ୍ବାଣୀକେ କହିଛନ୍...

(ଭଏସ୍ ଓଭର୍- ଦେବେନ୍ଦ୍ର ପ୍ରଧାନ୍)

ହକି ଇଣ୍ଡିଆ ଲିଗ୍          ଆର୍ଏନ୍ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ର ପୁରୁଷ ବର୍ଗଥି ରାଉର୍କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଝର୍ ୬ ବଜେ ତାମିଲ୍ନାଡୁ ଡ୍ରାଗନ୍ସ ଆର୍ ଟିମ୍ ଗୋନାସିକା ଭିତ୍ରେ ଆର୍  ରାତି ୮ ବାଜିକରି ୧୫

ମିନିଟ୍‌ଥି  ହାଇଦ୍ରାବାଦ୍ ତୋଫାନ୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ମେଚ୍ ହେବା ।